**ମାଟ୍ରନ ସଂଘର ବୈଠକ, କର୍ମକର୍ତ୍ତା ଚୟନ**

କାଳିମେଳା,( ଡି.ଏନ.ଏ.)- ମାଲକାନଗିରି ରେ ବିଭିନ୍ନ ଆବାସିକ ବିଦ୍ୟାଳୟ ରେ ନିୟୋଜିତ ଥିବା ମାଟ୍ରନ ସଂଘର ଏକ ବୈଠକ କାଳିମେଳା ଭାରତୀୟ ବିଦ୍ୟା ନିକେତନ ଗୁରୁକୂଳ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ମାଟ୍ରନ ସଂଘ ସଭାନେତ୍ରୀ ସୁଜାତା ଭୂୟାଁଙ୍କ ନେତୃତ୍ୱରେ ଏହି ସଭା ହୋଇଥିଲା। ଜିଲା ସଭାନେତ୍ରୀ ରଶ୍ମିବାଳା ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରି ମାଟ୍ରନ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଯେଉଁ ମାଟ୍ରନମାନେ ନିଜ ଚାକିରି ୬ ବର୍ଷ ପୂର୍ଣ୍ଣ କରିଛନ୍ତି ସେମାନେ କିପରି ନିୟମିତ ହେବେ, ବାର୍ଷିକ ସିଏଲ,ଇପିଏଫ୍ ଦରମା ବୃଦ୍ଧି, ଅନ୍ୟାନ୍ୟ କର୍ମଚାରୀଙ୍କ ପରି ୮ ଘଣ୍ଟା କାର୍ଯ୍ୟ କରିବା ଉପରେ ଆଲୋଚନା କରିଥିଲେ। ସଭାନେତ୍ରୀ ଭାବେ ରଶ୍ମିବାଳା ସ୍ୱାଇଁ ନିର୍ବାଚିତ ହୋଇଥିଲେ।



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ପଟ୍ଟାଙ୍ଗୀ,୨୦।୧(ଡି.ଏନ.ଏ.)- କୋରାପୁଟ ଜିଲା ପଟ୍ଟାଙ୍ଗୀ ଥାନା ଅନ୍ତର୍ଗତ ହୃଷିକେଶ ପାଣିଗ୍ରାହୀ ଫାର୍ମ ନିକଟରେ ଏକ ମୋଟର ସାଇକେଲ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସନ୍ଧ୍ୟା ହୋଇ ଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଦେଓପଟ୍ଟାଙ୍ଗି ଗ୍ରାମର କେଶବ ଖେମୁଣ୍ଡୁ ନିଜମୋଟର ସାଇକେଲ(ଏପି ୩୫କ୍ୟୁ-୭୯୫୩) ଯୋଗେ ସ୍ଥାନୀୟ ବ୍ଲକରୁ କିଛି କାମ ସାରି ଘରକୁ ଫେରୁଥିଲେ। ସେ ଭାରସାମ୍ୟ ହରାଇ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ ଗଛରେ ପିଟିହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତକୋବଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ପରିବାର ଲୋକେ ଏହାକୁ ଖଣ୍ଡନ କର ମୋଟରସାଇକେଲର ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି ବୋଲି ଅଭିଯୋଗ କରିଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଜୟପୁର ଉପଖଣ୍ଡ: ଜିଲା ପରିଷଦ ସଭ୍ୟ ପାଇଁ ୨୦ ନାମାଙ୍କନ

ଜୟପୁର, ୨୦।୧(ନି.ପ୍ର.)- ଜୟପୁର ଉପଖଣ୍ଡରେ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଚତୁର୍ଥ ଦିନରେ ୨୦ ଜଣ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟପୁର ବ୍ଲକ ଜୋନ୍ ୧ରୁ ଜଣେ, ଜୋନ୍ ୩ରୁ ଜଣେ, ବୋରିଗୁମ୍ମା ବ୍ଲକରୁ ଜଣେ, ଜୋନ୍ ୩ରୁ ଜଣେ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କରପତ୍ର ଦାଖଲ କରିଛନ୍ତି। ସେହିପରି କୁନ୍ଦୁରା ବ୍ଲକର ଜୋନ୍ ୧ରୁ ୫ , ଜୋନ୍ ୨ରୁ ୪, ବୈପାରିଗୁଡ଼ା ୧ନଂ. ଜୋନ୍‌ରୁ ୨ ଜଣ, ୨ନଂ. ଜୋନ୍‌ରୁ ଜଣେ, କୋଟପାଡ ବ୍ଲକର ଜୋନ୍ ୧ରୁ ୨ ଜଣ, ଜୋନ୍ ୨ ରୁ ୨ ଜଣ ଏପରି ମୋଟ ୨୦ ଜଣ ପ୍ରାର୍ଥୀ ଜିଲା ପରିଷଦ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜୟପୁର ଉପଖଣ୍ଡର ୫ ବ୍ଲକରେ ୧୨ ଜିଲା ପରିଷଦ ଜୋନ୍ ରହିଛି। ଜୟପୁର ବ୍ଲକରେ ୨୨ ପଞ୍ଚାୟତ ମଧ୍ୟରୁ ଚତୁର୍ଥ ଦିନରେ ୨୮ ଜଣ ସରପଞ୍ଚ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୨୬ ଜଣ ସମିତି ସଭ୍ୟ ଓ ଶହେ ଜଣ ୱାର୍ଡ ସଭ୍ୟ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ବ୍ଲକ୍ ନିର୍ବାଚନ ଅଧିକାରୀ ସୁରଜ ପଟ୍ଟନାୟକ କହିଛନ୍ତି।

### ୫୮ କରୋନା ଆକ୍ରାନ୍ତ ଚିହ୍ନଟ

ମାଲକାନଗିରି,୨୦।୧ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ଗୁରୁବାର ୫୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଦିନକୁ ଦିନ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ପ୍ରଶାସନ ଲାଗି ଚିନ୍ତାର କାରଣ ହୋଇଛି। ଗୁରୁବାର ଚିହ୍ନଟ ୫୮ ଜଣଙ୍କ ମଧ୍ୟରେ ମାଲକାନଗିରି ବ୍ଲକରୁ ୧୦ ଜଣ, ମାଥିଲି ବ୍ଲକରୁ ୭, ଖଇରପୁଟ ବ୍ଲକରୁ ୭, କୋରୁକୋଣ୍ଡା ବ୍ଲକରୁ ୨, ଚିତ୍ରକୋଣ୍ଡା ବ୍ଲକରୁ ୩, କାଲିମେଳା ବ୍ଲକରୁ ୪, ପଡ଼ିଆ ବ୍ଲକରୁ ୫, ମାଲକାନଗିରି ପୌର ପରିଷଦରୁ ୧୬ ଏବଂ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରୁ ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଆଜି ପ୍ରାର୍ଥୀପତ୍ର ଦାଖଲ ଶେଷ ତାରିଖ

### ଆଶାନୁପାତରେ ହୋଇନି ନାମାଙ୍କନ ଦାଖଲ

ନବରଙ୍ଗପୁର, ୨୦।୧ (ବି.ପ୍ର.) - ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚାଲିଛି ନାମାଙ୍କନ ପ୍ରକ୍ରିୟା। ନବରଙ୍ଗପୁର ଜିଲାରେ ବର୍ତ୍ତମାନ ସୁଦ୍ଧା ଆଶାନୁରୁପ ପ୍ରାର୍ଥୀପତ୍ର ଦାଖଲ ହୋଇପାରିନି। ନାମାଙ୍କନ ପାଇଁ ଆଉ ମାତ୍ର ଗୋଟିଏ ଦିନ ବାକି। ଭାଜପା ତାର ସମସ୍ତ ପ୍ରାର୍ଥୀ ଚୁଡାନ୍ତ କରି ସାରିଛି। ନିର୍ଦ୍ଧାରିତ ତାରିଖ ସୁଦ୍ଧା ପ୍ରାର୍ଥୀପତ୍ର ଦାଖଲ ହେବ। ଜିଲାର ୨୬ ଜିଲା ପରିଷଦ ଆସନରୁ ୨୦ରେ ବିଜୟୀ ହେବୁ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି। କଂଗ୍ରେସ ସମସ୍ତ ପ୍ରାର୍ଥୀ ଚୁଡାନ୍ତ କରିସାରିଛି। କେବଳ ନାମାଙ୍କନ ବାକି ରହିଛି। ସମସ୍ତ ଜିଲା ପରିଷଦ ଆସନ ହାତେଇବୁ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ବିଜେଡି ସମସ୍ତ ପ୍ରାର୍ଥୀ ଚୁଡାନ୍ତ କରି ସାରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଜିଲା ପରିଷଦ ଆସନ ଏବଂ ଏହା ଅଧୀନ ସମସ୍ତ ସରପଞ୍ଚ, ସମିତି ଏବଂ ୱାର୍ଡମେମ୍ବର ପଦବୀ ପାଇଁ ନାମାଙ୍କନ ଦାଖଲ ହେବ। ୨୬ ଜିଲା ପରିଷଦ ଆସନରେ ବିଜେଡ଼ି ଜିତବ ବୋଲି ଜିଲା ସଭାପତି ତଥା ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଦୃଢୋକ୍ତି ପ୍ରକାଶ କରିଛନ୍ତି। ନାମାଙ୍କନ ଦାଖଲର ଚତୁର୍ଥ ଦିନରେ ମୋଟ ୧୦୧୧ ଜଣ ପ୍ରାର୍ଥୀ ୱାର୍ଡ ମେମ୍ବର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସରପଞ୍ଚ ପାଇଁ ୨୭୮ ଜଣ, ସମିତି ସଭ୍ୟ ପାଇଁ ୨୪୬ ଜଣ ଏବଂ ଜିଲା ପରିଷଦ ସଭ୍ୟ ପାଇଁ ୪୨ଜଣ ପ୍ରାର୍ଥୀ ନାମାନଙ୍କ ପତ୍ର ଦାଖଲ କରିଛନ୍ତି। ୪ଦିନ ସୁଦ୍ଧା ଜିଲାରେ ମୋଟ ୧୭୩୬ ଜଣ ପ୍ରାର୍ଥୀ ୱାର୍ଡ ମେମ୍ବର ପଦ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସରପଞ୍ଚ ପାଇଁ ୪୮୮ଜଣ , ସମିତି ସଭ୍ୟ ପାଇଁ ୩୯୨ ଜଣ ଏବଂ ଜିଲ୍ଲା ପରିଷଦ ସଭ୍ୟ ପାଇଁ ୬୦ଜଣ ପ୍ରାର୍ଥୀ ନାମାନଙ୍କ ପତ୍ର ଦାଖଲ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ପୌରାଞ୍ଚଳରେ ଠିକ୍ ରୂପେ ହେଉନି ଜଳ ଯୋଗାଣ

ସୁନାବେଡା/ସେମିଳିଗୁଡା, ୨୦।୧(ସ୍ୱ.ପ୍ର.)

ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଯାଏ ବିକାଶର ଧାରା ଦ୍ୱରାନ୍ୱିତ କରିବାକୁ ବହୁ ଅର୍ଥ ବିନିଯୋଗ ହେଉଛି। ଅଥଚ ଏହାର ସୁଫଳ ଲୋକଙ୍କ ନିକଟରେ ଠିକ୍ ରୂପେ ପହଞ୍ଚିପାରୁନି। ସୁନାବେଡା ପୌରାଞ୍ଚଳରେ ପାନୀୟ ଜଳଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କେତେକ ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡିଛି। ପାନୀୟ ଜଳ ଟୋପାଏ ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୁନାବେଡା ଓ ସେମିଳିଗୁଡା ଉଭୟ ସହରର ସାହିଠାରୁ ବସ୍ତି ପର୍ଯ୍ୟନ୍ତ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଦାୟିତ୍ୱ ପିଏଚଡି ନେଇଛି। ତେବେ ଜଳଯୋଗାଣ ନେଇ ସମସ୍ୟା ସୁଧୁରୁନାହିଁ। ଜଳ ଯୋଗାଣ ବନ୍ଦ ସମ୍ପର୍କରେ ବିଭାଗ କୌଣସି ଆଗୁଆ ସୂଚନା ଦେଉନାହିଁ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୦ ଦିନ ହେଲା ଉଭୟ ସହରରେ ଜଳଯୋଗାଣ ଠିକ୍ ରୂପେ ହେଉନାହିଁ। କମ ଜଳ ଆସୁଥିବାରୁ ଲୋକେ ପାନୀୟ ଜଳପାଇଁ ଅସୁବିଧା ଭୋଗୁଛନ୍ତି। କେତେକ ସ୍ଥାନରେ ଜଳଯୋଗାଣ ସମୟ ଅନୁସାରେ ହେଉନାହିଁ। ପ୍ରତିଦିନ ଗୋଟିଏ ଘଣ୍ଟା ମଧ ଜଳ ଯୋଗାଣ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସହରର ଅନେକ ଅଞ୍ଚଳରେ ଜଳଯୋଗାଣ ପାଇଁ ଟ୍ୟାପ ରହିଛି, ହେଲେ ଟ୍ୟାପରେ ପାଣି ଆସୁନି। ପୌରାଞ୍ଚଳର ହନୁମାନ ନଗର, ସତ୍ୟନଗର, ସରସ୍ୱତୀ ନଗର, ବିଲେଇଗୁଡା ଓ ଗାଦବାସାହି ଭଳି ଅନେକ



ଅଞ୍ଚଳରେ ଜଳଯୋଗାଣରେ ଅନିୟମିତତା ଦେଖିବାକୁ ମିଳୁଛି। ଏଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଜଳଯୋଗାଣ ସମସ୍ୟାର ସମାଧାନ କରିବା ପାଇଁ

- ଟ୍ୟାପ୍ ରହିଛି, ପାଣି ଆସୁନି
- ସମୟ ଅନୁସାରେ ହେଉନି ଜଳ ଯୋଗାଣ
- ୧୦ ଦିନ ହେଲା ଆସୁଛି କମ୍ ଜଳ

ସାଧାରଣରେ ଦାବି ହେଉଛି। ଏନେଇ ପିଏଚଡ଼ିର କନିଷ୍ଠଯନ୍ତ୍ରୀ ତାପସୀ ଷଡଙ୍ଗୀଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଗତ ୫ ଦିନ ହେଲା ଏହି ସମସ୍ୟା ରହିଥିଲା। କୌଣସି କାରଣରୁ ବିଦ୍ୟୁତ ବିଭାଗର ବାରମ୍ବାର ପାୱାର କଟ ଯୋଗୁ ପର୍ଯ୍ୟାପ୍ତ ପାଣି ଟ୍ୟାଙ୍କକୁ ଉଠିପାରୁ ନ ଥିଲା। ଏବେ ଏହି ସମାଧାନ ହୋଇଯାଇଛି । ଗୁରୁବାରଠାରୁ ଜଳଯୋଗାଣରେ କୌଣସି ସମସ୍ୟା ହେବ ବୋଲି ସେ କହିଥିଲେ।

### କୋରାପୁଟ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଶହ ପାର

କୋରାପୁଟ,୨୦।୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୨ ଶହ ପାର ହୋଇଛି । ଏହାକୁ ନେଇ ଜିଲା ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୯୭ ମହିଳା, ୧୦୫ ପୁରୁଷ ରହିଛନ୍ତି। ଜିଲାର କୋରାପୁଟ ପୌରାଞ୍ଚଳରୁ ସର୍ବାଧିକ ୨୭ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଜୟପୁର ପୌରାଞ୍ଚଳରୁ ୨୬ ଜଣ, କୋଟପାଡ ଏନ୍‌ଏସିରୁ ୭, ସୁନାବେଡ଼ା ପୌରାଞ୍ଚଳରୁ ୧୪, ଜୟପୁର ବ୍ଲକରୁ ୧୭, କୋରାପୁଟ ବ୍ଲକରୁ ୨୨, ଦଶମନ୍ତପୁର ବ୍ଲକରୁ ୧୨, ବୋରିଗୁମ୍ମା ବ୍ଲକରୁ ୩, ବନ୍ଧୁଗାଁ ବ୍ଲକରୁ ୨, କୋଟପାଡରୁ ୧୫ , ବୈପାରିଗୁଡ଼ା ବ୍ଲକରୁ ୪, କୁନ୍ଦୁରା ବ୍ଲକରୁ ୫, ଲମତାପୁଟ ବ୍ଲକରୁ ୮, ଲକ୍ଷ୍ମୀପୁର ବ୍ଲକରୁ ୧୪, ନନ୍ଦପୁର ବ୍ଲକରୁ ୬, ନାରାୟଣପାଟଣା ବ୍ଲକରୁ ୪, ପଟ୍ଟାଙ୍ଗୀ ବ୍ଲକରୁ ୩ ଓ ସେମିଳିଗୁଡ଼ା ବ୍ଲକରୁ ୧୩ ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ରିମାଣ୍ଡ ଅବଧି ଶେଷ ପରେ ଅଭିଯୁକ୍ତ କୋର୍ଟଚାଲାଣ

ଲକ୍ଷ୍ମୀପୁର,୨୦।୧(ଡି.ଏନ.ଏ.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ୧୬ଶହ ୧୦ ଗ୍ରାମ ସୁନା ଚୋରି ମାମଲାରେ ମୁଖ୍ୟ ଅଭିଯୁକ୍ତ ବ୍ୟାଙ୍କର ମେସେଞ୍ଜର ଶେଖର କୁଲଦିପିଆଙ୍କ ରିମାଣ୍ଡର ଶେଷ ହେବା ପରେ ତାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୋଲିସ ତାଙ୍କୁ ୩ଦିନ ରିମାଣ୍ଡରେ ଆଣି ପଚରାଉଚରା କରୁଥିଲା। ଶେଖରଙ୍କୁ ପୋଲିସ ବିଚାର ବିଭାଗୀୟ ହାଜତରୁ ଲକ୍ଷ୍ମୀପୁର ମେଡିକାଲ ଆଣି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ କରୋନା ପରୀକ୍ଷା କରିଥିଲା। ତାଙ୍କର କରୋନା ରିପୋର୍ଟ ନେଗେଟିଭ୍ ଆସିବା ପରେ ତାଙ୍କୁ ଥାନାକୁ ନେଇ ସୁନା ଗହଣା ଚୋରି ଉପରେ ଜେରା କରୁଥିଲା। କୋରାପୁଟ ଜିଲା ଅତିରିକ୍ତ ଏସପି ଉତ୍କଳ କେଶରୀ ଦାସ,ଲକ୍ଷ୍ମୀପୁର ଏସଡିପିଓ ଅଶ୍ୱିନୀ କୁମାର ନାୟକ, ଲକ୍ଷ୍ମୀପୁର ଆଇଆଇସି ଶ୍ୱେତପଦ୍ମା



ଶେଖରଙ୍କୁ କୋର୍ଟଚାଲାଣ କରାଯାଉଛି।

ସେଠ୍ ଓ କାକିରିଗୁମା ଆଇଆଇସି ଉଲ୍ଲାସ ରାଉତପଚରାଉଚରା ବେଳେ ଉପସ୍ଥିତ ଥିଲେ। ବ୍ୟାଙ୍କରୁ ଚୋରି ହୋଇଥିବା ୧୬ ଶହ ୧୦ ଗ୍ରାମ ସୁନା ମଧ୍ୟରୁ ଶେଖରଙ୍କ ନାରାୟଣପାଟଣା ବ୍ଲକ ବିକ୍ରମପୁର ଗ୍ରାମ ବାସଭବନରୁ ୧୧ଶହ ୮୯ ଗ୍ରାମ ସୁନା ଜବତ ହୋଇଛି। ଅବଶିଷ୍ଟ ବଳକା ୪ଶହ ୧୦ ଗ୍ରାମ ସୁନା ସମ୍ପର୍କରେ ତାଙ୍କୁ ଦୀର୍ଘ

**ଲକ୍ଷ୍ମୀପୁର ଷ୍ଟେଟ ବ୍ୟାଙ୍କ ସୁନାଚୋରି ମାମଲା**

ସମୟ ଧରି ଜେରା କରାଯାଇଥିଲେ ମଧ ସେ ପୋଲିସକୁ କିଛି କହି ନ ଥିଲେ। ବୁଧବାର ତାଙ୍କ ରିମାଣ୍ଡ ଅବଧି ଶେଷ ହୋଇଥିବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ଶ୍ୱେତପଦ୍ମା ସେଠ୍ କହିଛନ୍ତି।

ଅନ୍ୟପକ୍ଷରେ ଷ୍ଟେଟ ବ୍ୟାଙ୍କ ପ୍ରଶାସନ ବୁଧବାର ଶାଖା ପରିଚାଳକ ସୁଧାଂଶୁ ଶେଖର ରାଉତଙ୍କୁ ଚାକିରିରୁ ନିଲମ୍ବିତ କରିବା ସହ ଶାଖାର ଅନ୍ୟ କର୍ମଚାରୀଙ୍କୁ ବଦଳି କରିଛି। ସୂଚାଯୋଗ୍ୟ, ଏହି ବ୍ୟାଙ୍କରୁ ଗତ ନଭେମ୍ବର ୩୦ରେ ୧ କେଜି ୬୧୦ ଗ୍ରାମ ସୁନା ଚୋରି ହୋଇଥିଲା। ସେହି ସୁନାରୁ ୧ କିଲୋ୧୮୯ ଗ୍ରାମ ସୁନା ଜବତ ହୋଇଛି। ଅବଶିଷ୍ଟ ସୁନା ସମ୍ପର୍କରେ ଏଯାବତ୍ କିଛି ସୁରାକ ମିଳିପାରିନାହିଁ।

# ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ଆଜି

ମାଲକାନଗିରି,୨୦।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ୧୫ଟି ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ପାଇଁ ବିଜେଡି ପ୍ରାର୍ଥୀ ଶୁକ୍ରବାର ନାମାଙ୍କନପତ୍ର ଦାଖଲ କରିବେ। କାଲିମେଳା ଜୋନ୍-୧ରେ ବିଭା ସରକାର, କାଲିମେଳା ଜୋନ୍-୨ରେ ରିନା କବାସୀ, କାଲିମେଳା ଜୋନ୍-୩ରେ ପ୍ରହ୍ଲାଦ ଦାସ୍, ପଡିଆର ଲିପ୍‌ସା ରାୟ, ମାଲକାନଗିରି ଜୋନ୍-୧ରେ କନକଲତା କୁରାମି, ଜୋନ୍-୨ରେ ବିନାୟକ ଚନ୍ଦ୍ର ମାଡକାମି, ଜୋନ୍-୩ରେ ହଳଧର ବାଙ୍କଡେଟ୍, କୋରୁକୋଣ୍ଡା ଜୋନ୍-୧ର ସାବିତ୍ରୀ ପଡିଆମି, କୋରୁକୋଣ୍ଡା ଜୋନ୍-୨ରେ ପ୍ରଦୀପ ମାଡକାମି, ମାଥିଲି ଜୋନ୍-୧ରେ ନୀଳାବତୀ ନାୟକ, ମାଥିଲି ଜୋନ୍-୨ରେ ହଳଧର କପେ, ମାଥିଲି ଜୋନ୍-୩ରେ ସନ୍ତୋଷିନୀ ପାତ୍ର, ଖଇରପୁଟର ସହଦେବ ଶିଶା, ଚିତ୍ରକୋଣ୍ଡା ଜୋନ୍-୧ରେ ଉଦୟ ଖିଲ, ଜୋନ୍-୨ରେ ସୁମିତ୍ରା ମୁଦୁଲି ପ୍ରମୁଖ ବିଧାୟକ ଆଦିତ୍ୟ ମାଡିଙ୍କ ସହ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବାର ରହିଛି। ସେହିପରି କଂଗ୍ରେସ ପକ୍ଷରୁ ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ସହ ନବରଙ୍ଗପୁର ପୂର୍ବତନ ବିଧାୟକ ଭୁଜବଳ ମାଝିଙ୍କ ନେତୃତ୍ୱରେ ୧୫ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମାଲକାନଗିରି ଜୋନ୍-୧ରେ ସବିତା କୁରାମି, ଜୋନ୍-୨ରେ ଲଚ୍ଛୁ ଆଜମିରା, ଜୋନ୍-୩ରେ ଦଶରଥ ଡୁରୁକା, କାଲିମେଳା ଜୋନ୍-୧ରେ ସୁମିତ୍ରା ମଣ୍ଡଳ, ଜୋନ୍-୨ରେ କସି ମାଡକାମି, ଜୋନ୍-୩ରେ କମଳେଶ ସର୍ଦ୍ଦାର, ପଡିଆର ସ୍ୱପ୍ନା ସର୍ଦ୍ଦାର, କୋରୁକୋଣ୍ଡା ଜୋନ୍-୧ରେ ଶ୍ରୀପତି ଗମାଙ୍ଗ, ଜୋନ୍-୨ରେ ମଙ୍ଗୁ ଖିଲ, ଚିତ୍ରକୋଣ୍ଡା ଜୋନ୍-୧ରେ ବିଶ୍ୱନାଥ ମାଣ୍ଡି, ଜୋନ୍-୨ରେ ରୁକ୍‌ମଣୀ ଖିଲ, ଖଇରପୁଟର ଲକ୍ଷ୍ମଣ ବଡନାୟକ, ମାଥିଲି ଜୋନ୍-୧ରେ ଫୁଲମତୀ ଜିରାମ, ଜୋନ୍-୨ରେ ମାନସ ମାଡି, ଜୋନ୍-୩ରେ ଗୌରୀ ବଟେ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।



ପ୍ରାର୍ଥୀପତ୍ର ଦାଖଲ କରିବାକୁ ଅପେକ୍ଷାରେ ଆଶାୟୀ ପ୍ରାର୍ଥୀ ।

### ଚାପ ପଡ଼ିବାରୁ ସ୍ତ୍ରୀ ରୂପେ ଗ୍ରହଣ କଲେ

ଦଶମନ୍ତପୁର, ୨୦।୧(ଡି.ଏନ.ଏ.)

ସ୍ତ୍ରୀ ଭାବେ ପ୍ରେମିକାଙ୍କୁ ଗ୍ରହଣ କରି ନିଜ ଘରକୁ ନେବା ପାଇଁ ଥାନାରେ ସ୍ୱୀକାର କରିଛନ୍ତି ଜଣେ ପ୍ରେମିକ। ସେ ହେଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତ ଶିଶିକୁଡି ଗ୍ରାମର ଜୟରାମ ପାଇକଙ୍କ ପୁଅ ରାମଚନ୍ଦ୍ର (୨୫)। ରାମଚନ୍ଦ୍ର ୪ବର୍ଷ ହେଲା ସମ୍ପୃକ୍ତା ଯୁବତୀଙ୍କୁ ଭଲ ପାଉଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହେବା ପରେ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ରାମଚନ୍ଦ୍ର ତାଙ୍କ ପ୍ରତିଶ୍ରୁତି ରଖି ନ ଥିଲେ। ବିଭିନ୍ନ ବାହାନା କରି କୁଲିକାମ କରିବାକୁ ଚାଲିଯାଇଥିଲେ। ସେଠାରୁ ରାମଚନ୍ଦ୍ର ଫେରିବା ବେଳକୁ ତାଙ୍କ ପ୍ରେମିକା ଏକ ଶିଶୁପୁତ୍ର ଜନ୍ମ ଦେଇସାରିଥିଲେ। ପରିବାର ଲୋକେ ତାଙ୍କୁ ନେଇ ରାମଚନ୍ଦ୍ରଙ୍କ ଘରକୁ ଯାଇଥିଲେ ମଧ ତାଙ୍କୁ ଘରକୁ ପଶିବାକୁ ରାମଚନ୍ଦ୍ରଙ୍କ ପରିବାର ଲୋକେ ଦେଇ ନ ଥିଲେ। ତାଙ୍କୁ ମାଡ଼ ମାରି ଘରକୁ ପଠାଇ ଦେଇଥିଲେ। ପରେ ଗ୍ରାମରେ ଏନେଇ ଏକ ବୈଠକ ବସିଥିଲା। ସେଠାରେ ମଧ ରାମଚନ୍ଦ୍ର ପରିବାର ଲୋକଙ୍କ ଚାପରେ ତାଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ରାଜି ହୋଇ ନ ଥିଲେ। ଶେଷରେ ଯୁବତୀ ଜଣକ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ଝିଅ ଓ ପୁଅ ଘର ମଧ୍ୟରେ ବୁଝାମଣା ହୋଇ ଝିଅର ଭରଣ ପୋଷଣ ପାଇଁ ୮୫ ହଜାର ଟଙ୍କା ଦେଇ ରାମଚନ୍ଦ୍ର ଶିଶୁପୁତ୍ରକୁ ଘରକୁ ନେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ମଙ୍ଗଳବାର ରାମଚନ୍ଦ୍ର ଶିଶୁପୁତ୍ରଟିର ଯତ୍ନ ନେବାକୁ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ପଠାଇ ଦେଇଥିଲେ। ତେବେ ପରେ ଶିଶୁଟିର ମାଆ ସମ୍ପୃକ୍ତା ଯୁବତୀ ଜଣକ ମୋ ପୁଅକୁ ବିକ୍ରି କରିଦେଲେ ବୋଲି ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ବୁଝାମଣା ହୋଇ ପ୍ରେମିକାଙ୍କୁ ସ୍ତ୍ରୀ ଭାବରେ ଘରକୁ ନେବାକୁ ରାମଚନ୍ଦ୍ର ପ୍ରତିଶ୍ରୁତି ଦେଇଥିଲେ। ଆଗାମୀ ଦିନରେ ଯଦି ରାମଚନ୍ଦ୍ର କି ପରିବାର ଲୋକେ ତାଙ୍କ ସହ ଗଣ୍ଡଗୋଳ କଲେ ଜେଲ୍ ଯିବେ ବୋଲି ଥାନା ଅଧିକାରୀ ବିଜୟରାଜ୍ ମାଝୀ କହିଛନ୍ତି।

# ଭୋଟ ବର୍ଜନ କରିବେ ୩ ଗ୍ରାମର ଲୋକେ

ଜୟପୁର, ୨୦।୧ (ନି.ପ୍ର.)

ଭୋଟ ବର୍ଜନ କରିବା ପାଇଁ ଜୟପୁର ଉପଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ୩ଟି ଗ୍ରାମର ଗ୍ରାମବାସୀ। ଜୟପୁର ବ୍ଲକ ଅନ୍ତର୍ଗତ ରାମଗଡ଼, ବାଇଗଣପଦର ଓ କେନ୍ଦୁଗୁଡ଼ା ଗ୍ରାମବାସୀ ଭୋଟ ବର୍ଜନ କରିବାକୁ ଏକତ୍ରିତ ହୋଇ ଉପଜିଲାପାଳ ବେଦବର ପ୍ରଧାନଙ୍କୁ ଦାବିପତ୍ର ଦେଇ ଏନେଇ ଜଣାଇ ଦେଇଛନ୍ତି। ରାମଗଡ଼ ଗ୍ରାମକୁ ଏଯାଏ ରାସ୍ତା ନାହିଁ। ଗ୍ରାମକୁ ଯିବାକୁ ହେଲେ ଜଙ୍ଗଲ ଦେଇ ଯିବାକୁ ପଡୁଛି। ଗର୍ଭବତୀ ମହିଳା, ବୃଦ୍ଧାବୃଦ୍ଧମାନେ



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ ।

**ଜଙ୍ଗଲ ଦେଇ ଗାଁକୁ ଯାଉଛନ୍ତି ଗ୍ରାମବାସୀ**

ଚିକିତ୍ସା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମରେ ବିଦ୍ୟୁତ୍ ପାନୀୟ ଜଳ କୌଣସି ମୌଳିକ ସୁବିଧା ମିଳୁ ନାହିଁ । ଏନେଇ ସେମାନେ ବାରମ୍ବାର ଜିଲାପାଳ, ଉପଜିଲାପାଳ, ସରପଞ୍ଚଙ୍କୁ ଜଣାଇଲେ ମଧ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିପାଇଁ ସେମାନେ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ଗ୍ରାମର ଇଛୁ ମୁଦୁଲି, ଗଙ୍ଗା ମୁଦୁଲି, ଜଗବନ୍ଧୁ ମୁଦୁଲି ପ୍ରମୁଖ କହିଛନ୍ତି ।

# ୨୦ ଜିଲା ପରିଷଦ ଆସନରେ ପ୍ରାର୍ଥୀ ଦେଲା କଂଗ୍ରେସ

ନବରଙ୍ଗପୁର,୨୦।୧ (ବି.ପ୍ର.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୨ର ୪ର୍ଥ ଦିନରେ ନବରଙ୍ଗପୁର ଜିଲା କଂଗ୍ରେସ ଦଳ ତରଫରୁ ୧୨ ଜଣ ଆଶାୟୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମମତା ବେଶ୍ରା ଚନ୍ଦା ହାଣ୍ଡି ଜୋନ-୨, ପୁଷ୍ପାଞ୍ଜଳି ଖର୍ଚ୍ଚେଲ ଚନ୍ଦାହାଣ୍ଡି ଜୋନ-୧, କମିଟଲା ହାଲ୍ରା ରାଇଘର ଜୋନ-୧, ସୁଶିଲ ସାନ୍ତା ରାଇଘର ଜୋନ-୨, ପୁନମ ପନକା ରାଇଘର ଜୋନ-୩, ନରସିଂହ ହରିଜନ ରାଇଘର ଜୋନ-୪, ପୂର୍ବତନ ଜିଲା ପରିଷଦ ସଭାପତି ଭାଗିରଥି ନାୟକ ଝରିଗାଁ ଜୋନ୍-୨, ସତ୍ୟଭାମା ଭତ୍ର ଝରିଗାଁ ଜୋନ୍-୩ରେ ନାମାଙ୍କନ ଦାଖଲ କରିଛନ୍ତି। ସେହିଭଳି ଉଁଆସୁ ମାଝି ପାପଡ଼ାହାଣ୍ଡି ଜୋନ୍-୧, ଅର୍ଜ୍ଜୁନ ଭତ୍ରା ପାପଡାହାଣ୍ଡି ଜୋନ୍-୩, ପୂର୍ବତନ ଜିଲା ପରିଷଦ ସଭ୍ୟ କପୁର ଚାନ୍ଦ ନାୟକ ଉମରକୋଟ ଜୋନ୍-୧ରୁ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଧରମ ନାୟକ ଡାବୁଗାଁ ଜୋନ୍-୨ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହା ପୂର୍ବରୁ ତୃତୀୟ ଦିନ ସୁଦ୍ଧା ଦଳୀୟ ଟିକେଟରୁ ଆଶାୟୀ ପ୍ରାର୍ଥୀ ପ୍ରାୟ ୮ ଜଣ ମନୋନୟନ ପତ୍ର ଦାଖଲ କରିଥିବା ବେଳେ ଆଜି ତାହା ୨୦ ନମ୍ବରରେ ଯାଇ ପହଞ୍ଚିଛି। ବଳକା ୬ଟି ପ୍ରାର୍ଥୀପତ୍ର ଶୁକ୍ରବାର ଦାଖଲ ହେବ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ନାମାଙ୍କନ ଦାଖଲ ବେଳେ ପିସିସି ସଭ୍ୟ ଦିଲ୍ଲୀପ ବେହେରା, କ୍ଷେମରାଜ ବାଘ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ଦ୍ୱାରିକା ମହାପାତ୍ର, ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି , ହାରା ବତି ଗଣ୍ଡ, ନନ୍ଦାହାଣ୍ଡି ବ୍ଲକର ବରିଷ୍ଠ କଂଗ୍ରେସ ନେତା ସୋରଜ୍ ଦୁଃଖୁ, ଚନ୍ଦାହାଣ୍ଡି ବ୍ଲକ୍ କଂଗ୍ରେସ ସଭାପତି ହୁମେଶ୍ୱର୍ ହଂସ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ଭୀମ ହରିଜନ, ବ୍ଲକ ସଭାପତି ଅବଦୁଲ୍ ଫିରୋଜ୍, ପୂର୍ବତନ ସରପଞ୍ଚ ଦିବାକର ପୂଜାରୀ, ସୋସିଆଲ ମିଡ଼ିଆ ସେଲ ସୁରଜ୍ ଲାଲଙ୍କ ସମେତ ବହୁ କଂଗ୍ରେସ ନେତା ସ୍ୱଇଚ୍ଛାରେ ଏହି ନାମାଙ୍କନ ଦାଖଲ ବେଳେ ଉପସ୍ଥିତ ଥିଲେ ବୋଲି ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରଦୀପ ସାହୁ କହିଛନ୍ତି।

# ଜେଜେମା’ କାନ୍ଧରେ ୨ ନାତିଙ୍କ ବୋଝ

ରାଇଘର, ୨୦।୧(ଡି.ଏନ୍.ଏ.)

ପୁଅବୋହୂ ଓ ୨ ନାତିଙ୍କୁ ନେଇ ଚାଲିଥିଲା ହସଖୁସିର ସଂସାର। ପୁଅର ମୃତ୍ୟୁ ପରେ ବୋହୂ ପିଲା ୨ ଜଣଙ୍କୁ ଛାଡ଼ି ଅନ୍ୟତ୍ର ପଳାଇଲେ। ସେବେଠାରୁ ଜେଜେମା ଉପରେ ୨ ପିଲାଙ୍କ ବୋଝ। ଏପରି ସମୟରେ ଏକ ଭଲ ଜୀବନ କାଟିବାକୁ ୨ ନାତିଙ୍କ ସହ ସଂଘର୍ଷ କରୁଛନ୍ତି ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଗ୍ରାମର ବୟସ୍କ ମହିଳା ସଦନବାଈ ସାହୁ।

୩ ବର୍ଷ ପୂର୍ବେ ସଦନବାଈଙ୍କ ପୁଅଙ୍କ ମୃତ୍ୟୁ ହୋଇଗଲା। ଏହାପରେ ବୋହୂ ଅନ୍ୟତ୍ର ପଳାଇଲେ। ସେମାନଙ୍କର ୨ଟି ପୁଅ ରାମାନ ସାହୁ (୧୨) ଓ



ନାତିଙ୍କ ସହ ସଦନବାଈ ସାହୁ।

ଦୀପେଶ୍ୱର ସାହୁ (୭) ଅଛନ୍ତି। ନାତି ୨ ଜଣଙ୍କ ବୋଝ ଉଠାଇବାକୁ ବାଧ ହୋଇ ଏକ ପକୁଡି ଦୋକାନ କଲେ ସଦନବାଈ। ଅଳ୍ପ କିଛି ବେପାର ହେଉଛି। କିନ୍ତୁ ସେଥିରେ ନାତି ୨ ଜଣଙ୍କୁ ଭଲ ଶିକ୍ଷା ଦେବା କଷ୍ଟକର। ଏଣେ ତାଙ୍କ ଘରଟି ଭୁଶୁଡିବାକୁ ବସିଲାଣି। ଉକ୍ତ ଘରର ମରାମତି ପାଇଁ ମଧ ଟଙ୍କା ନାହିଁ। ଆବାସ ଯୋଜନାରେ ଘର ଯୋଗାଇଦେବା ସହ ପିଲାଙ୍କ ପାଠପଢ଼ା ପାଇଁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ସଦନବାଈ ନିବେଦନ କରିଛନ୍ତି।

# ପଞ୍ଚାୟତ ନିର୍ବାଚନ: ଆଶାୟୀଙ୍କୁ ବୁଝାଶୁଝା ଆରମ୍ଭ

କୋଟପାଡ,୨୦।୧(ଡି.ଏନ.ଏ.)

ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ସବୁ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ତେବେ ଟିକେଟ ଆଶାୟୀମାନେ ହତାଶ ହେବା ପରେ ଏବେ ସେମାନଙ୍କୁ ମନାଇବା ଲାଗି ବୁଝାଶୁଝା କରାଯାଉଛି। ନାମାଙ୍କନ ପତ୍ର ଦାଖଲ କରିବାକୁ ଶୁକ୍ରବାର ଶେଷ ତାରିଖ ଥିବା ବେଳେ କୋଟପାଡର ୧୭ଟି ପଞ୍ଚୟତରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ, ସକାଶେ ଅନେକ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜିଲା ପରିଷଦ ସଭ୍ୟ ସକାଶେ ବିଜେଡରୁ ଜୋନ-୧ରେ ପୂର୍ବତନ ଜିଲା ପରିଷଦ ସଭ୍ୟ ତ୍ରିପତି ଚାଲାଣ, କଂଗ୍ରେସରୁ ଦ୍ରୁପଦ ସମରଥ, ଭାଜପାରୁ ଅଭିରାମ ଭତରା, ଜୋନ୍-୨ରେ ବିଜେଡିରୁ ପୂର୍ବତନ ବିଧାୟକ ବାସୁଦେବ ମାଝିଙ୍କ ବୋହୂ ଗୀତାଞ୍ଜଳି ମାଝି, କଂଗ୍ରେସରୁ ପାର୍ବତୀ ମାଝୀ, ଭାଜପାରୁ ପୁଷ୍ପାଞ୍ଜଳି ମାଝି ନାମାଙ୍କନ ପତ୍ର ଦାଖଲ କରଛନ୍ତି। ଅନ୍ୟପକ୍ଷରେ ଗତ କିଛି ଦିନ ଧରି ଗୋଟିଏ ଦଳରୁ ଅନ୍ୟ ଏକ ଦଳକୁ ଦଳଡିଆଁ ପର୍ବ ଚାଲିଛି। ଏବେ କଂଗ୍ରେସର ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ ବିଜେଡିରେ ଅଛନ୍ତି। ତାଙ୍କୁ ଦଳ ରାଜ୍ୟ ସାଧାରଣ ସମ୍ପାଦକ ରୂପେ ନିଯୁକ୍ତି ଦେଇଛି। କେତେକ ଟାଣୁଆ କଂଗ୍ରେସ ନେତା ମଧ ବିଜେଡିରେ ଯୋଗ ଦେଇଛନ୍ତି। ଭାଜପାରେ କୌଣସି ନେତା ଯୋଗ ଦେଇ ନ ଥିବା ବେଳେ ଗ୍ରାମାଞ୍ଚଳରେ ଭାଜପାର ସଙ୍ଗଠନ ମଜବୁତ ଥିବା କୁହାଯାଉଛି। ତେବେ ଟିକେଟ୍ ପାଇଁ ଆଶାୟୀ ଥିବା ବ୍ୟକ୍ତିମାନଙ୍କୁ ଦଳ ପକ୍ଷରୁ ଏବେ ବୁଝାଶୁଝା ଆରମ୍ଭ ହୋଇଛି।

# କୋରାପୁଟ ଜିଲା: ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ୩୧୯୬

କୋରାପୁଟ/କୁନ୍ଦୁରା,୨୦।୧(ସ୍ୱ.ପ୍ର.)

ଗୁରୁବାର ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିବସ। ଏହି ଦିବସ ସୁଦ୍ଧା କୋରାପୁଟ ଜିଲାରେ ଜିଲା ପରିଷଦ ଜୋନ୍ ପାଇଁ ୪୧, ସମିତିସଭ୍ୟରେ ୨୩୭, ସରପଞ୍ଚ ପାଇଁ ୨୬୨ ଏବଂ ୱାର୍ଡସଭ୍ୟରେ ୮୫୧ ମୋଟ ୩୧୯୬ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବୋଲି ଜିଲା ପଞ୍ଚାୟତ ଅଧିକାରୀ ଏସ୍.ସି. ବାସ୍କେ କହିଛନ୍ତି। ସେମାନଙ୍କ ମଧ୍ୟରେ ଜିଲାର ବୈପାରିଗୁଡ଼ା ବ୍ଲକ ଅଞ୍ଚଳରୁ ଜିଲା ପରିଷଦ ଜୋନ ପାଇଁ ୩ ଜଣ, ସମିତିସଭ୍ୟ ପାଇଁ ୧୬, ସରପଞ୍ଚ ପାଇଁ ୨୨, ୱାର୍ଡସଭ୍ୟ ପାଇଁ ୮୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। କୁନ୍ଦୁରା ବ୍ଲକରେ ଜିଲା ପରିଷଦ ଜୋନ୍ ପାଇଁ ୯ଜଣ, ସମିତିସଭ୍ୟରେ ୨୧, ସରପଞ୍ଚରେ ୧୩ ୱାର୍ଡସଭ୍ୟରେ ୫୦ ଜଣ ରହିଛନ୍ତି। ସେହିପରି କୋଟପାଡ ବ୍ଲକରେ ଜିଲା ପରିଷଦ ଜୋନ୍ ପାଇଁ ୪ ଜଣ, ସମିତିସଭ୍ୟରେ ୨୫, ସରପଞ୍ଚରେ ୨୯, ୱାର୍ଡସଭ୍ୟ ପାଇଁ ୫୦ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। ବୋରିଗୁମ୍ମା ବ୍ଲକରେ ଜିଲା ପରିଷଦ ପାଇଁ ୨ , ସମିତିସଭ୍ୟ ପାଇଁ ୨୦, ସରପଞ୍ଚ ପାଇଁ ୩୦, ୱାର୍ଡସଭ୍ୟ ପାଇଁ ୧୦୭ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି। ସେହିପରି କୋରାପୁଟ ବ୍ଲକରେ ଜିଲା ପରିଷଦ ଜୋନ ପାଇଁ ୨, ସମିତିସଭ୍ୟ ପାଇଁ ୧୦, ସରପଞ୍ଚରେ ୧୭, ୱାର୍ଡ ସଭ୍ୟରେ ୩୩ ଜଣ, ଜୟପୁର ବ୍ଲକରେ ଜିଲା ପରିଷଦ ଜୋନ ପାଇଁ ୨ ଜଣ, ସମିତିସଭ୍ୟ ୨୬, ସରପଞ୍ଚରେ ୨୮, ୱାର୍ଡସଭ୍ୟରେ ୧୦୦ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡିଛି। ସେମିଳିଗୁଡା ବ୍ଲକରେ ଜିଲା ପରିଷଦ ଜୋନ୍‌ରେ ୩ ଜଣ, ସମିତିସଭ୍ୟରେ ୧୪, ସରପଞ୍ଚରେ ୧୨ ଓ ୱାର୍ଡସଭ୍ୟ ପାଇଁ ୩୭ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

- ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିବସ
- ଜିଲା ପରିଷଦ ଜୋନ୍‌ରେ ୪୧, ସମିତି ସଭ୍ୟରେ ୨୩୭, ସରପଞ୍ଚ ୨୬୨, ୱାର୍ଡସଭ୍ୟରେ ୮୫୧ ପ୍ରାର୍ଥୀପତ୍ର ଦାଖଲ

ସେହିପରି ପଟ୍ଟାଙ୍ଗୀ ବ୍ଲକରେ ଜିଲା ପରିଷଦ ଜୋନ୍ ପାଇଁ ଜଣେ, ୧୧ ସମିତିସଭ୍ୟରେ ୧୨, ସରପଞ୍ଚ ପାଇଁ ୭୪ ୱାର୍ଡସଭ୍ୟ ଲାଗି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ନନ୍ଦପୁର ବ୍ଲକରେ ଜିଲା ପରିଷଦ ଜୋନ୍‌ରେ ୨ ଜଣ, ସମିତି ସଭ୍ୟରେ ୨୪, ସରପଞ୍ଚରେ ୩୨ ଓ ୯୧ ଜଣ ୱାର୍ଡସଭ୍ୟ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଲମତାପୁଟ ବ୍ଲକରେ ଜିଲା ପରିଷଦ ଜୋନ୍‌ରେ ଜଣେ , ସମିତିସଭ୍ୟରେ ୮, ସରପଞ୍ଚରେ ୧୦ ଏବଂ ୫୫ ଜଣ ୱାର୍ଡସଭ୍ୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଲକ୍ଷ୍ମୀପୁର ବ୍ଲକରେ ଜିଲା ପରିଷଦ ଜୋନ୍‌ରେ ୫ ଜଣ ,୧୪ ସମିତିସଭ୍ୟରେ, ସରପଞ୍ଚରେ ୨୪ , ୱାର୍ଡସଭ୍ୟରେ ୪୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଦଶମନ୍ତପୁର ବ୍ଲକରେ ଜିଲା ପରିଷଦ ଜୋନ୍ ପାଇଁ ୨ ଜଣ, ୧୫ ସମିତି ସଭ୍ୟରେ, ସରପଞ୍ଚରେ ୧୨, ୱାର୍ଡସଭ୍ୟରେ ୪୭ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ନାରାୟଣପାଟଣା ବ୍ଲକରେ ଜିଲା ପରିଷଦ ଜୋନ ପାଇଁ ୨ ଜଣ, ୧୯ ସମିତି ସଭ୍ୟରେ, ସରପଞ୍ଚରେ ୧୦, ୱାର୍ଡସଭ୍ୟରେ ୩୫ ଜଣ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ବନ୍ଧୁଗାଁ ବ୍ଲକରେ ଜିଲା ପରିଷଦ ଜୋନ ପାଇଁ ୩ ଜଣ , ୧୪ ସମିତି ସଭ୍ୟରେ, ୧୧ ସରପଞ୍ଚରେ ଏବଂ ୪୮ ୱାର୍ଡସଭ୍ୟ ପ୍ରାର୍ଥୀ ରୂପେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

